# ତ୍ରୟୋଦଶ ଅଧ୍ୟାୟ

# ଆବର୍ଜନାର ନିଷ୍କାସନ ଓ ସଦୁପଯୋଗ

ତୁମେ ରାସ୍ତାକଡ଼, ପୋଖରୀକୂଳ, ନାଳ, ବଗିଚା, ପାର୍କରେ ପଲିଥିନ୍ ମୁଣି, ଗୁଟ୍‌କା ପ୍ୟାକେଟ୍, ଛିଣ୍ଡା କନା, ଭଙ୍ଗାକାଚ, ପ୍ଲାଷ୍ଟିକ୍ ଡବା ଓ ବ୍ୟବହୃତ ସିରିଞ୍ଜ ଇତ୍ୟାଦି ଚାରିଆଡ଼େ ପଡ଼ିଥିବାର ଲକ୍ଷ୍ୟ କରିଥିବ। ଏସବୁ କେବଳ ପରିବେଶକୁ ଅସୁନ୍ଦର କରେ ନାହିଁ, ଆମ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଖରାପ ପ୍ରଭାବ ପକାଇଥାଏ । ଆମ ଜୀବନଧାରାରେ ଯେତେ ବିକାଶ ଘଟୁଛି, ସେହି ଅନୁପାତରେ ଆମେ ଆବର୍ଜନା ଅଧିକରୁ ଅଧିକ ସୃଷ୍ଟି କରୁଛେ ।

ଘରେ ଝାଡୁ କରିବା ପରେ କ'ଣ କ'ଣ ଆର୍ବଜନା ବାହାରିଥାଏ , ଲେଖ ।

---------------------------------------------------------------------------

---------------------------------------------------------------------------

ବିଦ୍ୟାଳୟ, ଡାକ୍ତରଖାନା, ଜଳଖିଆ ଦୋକାନ, କଳକାରଖାନା ଓ ମନ୍ଦିରରୁ କେଉଁ ସବୁ ଆବର୍ଜନା ବାହାରେ ସାରଣୀରେ ଲେଖ ।

**ସାରଣୀ**

| ବିଦ୍ୟାଳୟ | ଡାକ୍ତରଖାନା | ଜଳଖିଆ ଦୋକାନ | କଳକାରଖାନା | ମନ୍ଦିର |
|---|---|---|---|---|
| | | | | |
| | | | | |
| | | | | |
| | | | | |

ଏହା ବ୍ୟତୀତ ଆଉ କେଉଁ କେଉଁ ଆବର୍ଜନା ତୁମେ ଦେଖିଛ, ସାଙ୍ଗମାନଙ୍କ ସହିତ ଆଲୋଚନା କରି ଲେଖ ।

-----------------------------------------------------------------------

-----------------------------------------------------------------------

ବିଦ୍ୟାଳୟ, ଘର, ଡାକ୍ତରଖାନା, ମନ୍ଦିର ଆଦି ସମସ୍ତ ସ୍ଥାନରୁ ବାହାରୁଥିବା ଆର୍ବଜନାଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକ ମାଟିରେ ମିଶିଯାଏ ଓ କେଉଁଗୁଡ଼ିକ ମାଟିରେ ମିଶେ ନାହିଁ, ଅଲଗା କରି ଲେଖ ।

**ସାରଣୀ**

| ମାଟିରେ ମିଶିଯାଏ | ମାଟିରେ ମିଶିପାରେନାହିଁ |
|---|---|
| | |
| | |
| | |
| | |

ଆଜିକାଲି ଚାରିଆଡ଼େ ଏତେ ଆବର୍ଜନା ବଢ଼ୁଛି କାହିଁକି ? ସାଙ୍ଗମାନଙ୍କ ସହିତ ଆଲୋଚନା କରି ଲେଖ ।

-----------------------------------------------------------------------

-----------------------------------------------------------------------

କିଛି ବର୍ଷ ପୂର୍ବେ ଲୋକମାନେ ହାଟକୁ ଗଲାବେଳେ କପଡ଼ାରେ ତିଆରି ବ୍ୟାଗ୍ ନେଉଥିବାବେଳେ ଆମେ ଏବେ ପ୍ଲାଷ୍ଟିକ୍ ତିଆରି ବ୍ୟାଗ୍ ବ୍ୟବହାର କରୁଛୁ । ପୂର୍ବେ ଦୋକାନୀ ଆମକୁ କାଗଜ ଠୁଙ୍ଗାରେ ଜିନିଷ ଦେଉଥିଲେ କିନ୍ତୁ ଏବେ ପଲିଥିନ୍ ମୁଣିରେ ଜିନିଷ ଦେଉଛନ୍ତି । ଆମ ନିତିଦିନିଆ ବ୍ୟବହାର ପାଇଁ ପ୍ରତ୍ୟେକ ଜିନିଷ ପଲିଥିନ୍ ପ୍ୟାକେଟ୍‌ରେ ମିଳୁଛି । ଏହି ପଲିଥିନ୍ ହିଁ ଆବର୍ଜନାର ମୂଳକାରଣ ।

ଏହି ଆବର୍ଜନାର ପରିମାଣ କମାଇବା ପାଇଁ ତୁମେ କ'ଣ କରିପାରିବ, ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ ।

ଯେପରି –

– ପଲିଥିନ୍ ମୁଣି ବଦଳରେ କପଡ଼ା ବ୍ୟାଗ୍ ଓ କାଗଜଠୁଙ୍ଗା ବ୍ୟବହାର କରିବା ।

– -----------------------------------------------------------------

– -----------------------------------------------------------------

-----------------------------------------------------------------------

■ ଅଳିଆ ଡ଼ବା ବା ଡଷ୍ଟବିନ୍‌ରେ ଆବର୍ଜନା ନ ପଡ଼ି ବାହାରେ ପଡ଼ିଲେ କ'ଣ ହେବ ?

________________________________________________________________________

________________________________________________________________________

**ଆବର୍ଜନା ନିଷ୍କାସନ କରିବ କିପରି ?**

ଘରୁ ବାହାରୁଥିବା ଅଦରକାରୀ ଜିନିଷଗୁଡ଼ିକୁ ଅଲଗା ଅଲଗା ଭାଗ କରି ରଖ । ମାଟିରେ ମିଶିଯାଉଥିବା ଜିନିଷଗୁଡ଼ିକୁ ଗୋଟିଏ ଭାଗରେ ଓ ମାଟିରେ ମିଶିପାରୁନଥିବା ଜିନିଷଗୁଡିକୁ ଅନ୍ୟ ଏକ ଭାଗରେ ରଖ । ଏହା ପରେ ମାଟିରେ ମିଶିପାରୁନଥିବା ଜିନିଷଗୁଡ଼ିକୁ ଦୁଇ ଭାଗରେ ବିଭକ୍ତ କର । ଗୋଟିଏ ଭାଗରେ ଯେଉଁ ଜିନିଷଗୁଡ଼ିକୁ ପୁଣି ଥରେ ବ୍ୟବହାର କରି ହେବ ଓ ଅନ୍ୟ ଭାଗରେ ପୁନଃ ବ୍ୟବହାର ହୋଇପାରୁ ନ ଥିବା ଜିନିଷଗୁଡ଼ିକୁ ରଖ ।

ଆସ ଏହି ଭାଗ ଭାଗ କରିଥିବା ଅଦରକାରୀ ଜିନିଷଗୁଡ଼ିକୁ ଅଲଗା ଅଲଗା ତିନୋଟି ଡବା ବା ଡଷ୍ଟବିନ୍‌ରେ ରଖିବା ।



ତୁମେ ଜାଣିଛ କି ?

ପୁନଃଚକ୍ରଣ :- କେତେକ କ୍ଷେତ୍ରରେ ବର୍ଜ୍ୟବସ୍ତୁଗୁଡ଼ିକୁ ଅତି କମ୍ ପରିଷ୍କୃତ ବା ନିର୍ମଳ କରାଯାଇ ବିଭିନ୍ନ କାର୍ଯ୍ୟରେ କଞ୍ଚାମାଲ ହିସାବରେ ବ୍ୟବହାର ଉପଯୋଗୀ କରାଯାଉଛି । ଏହି କାର୍ଯ୍ୟକୁ ବର୍ଜ୍ୟବସ୍ତୁର ପୁନଃଚକ୍ରଣ କୁହାଯାଏ ।



ମାଟିରେ ମିଶିଯିବ



ପୁନଃ ବ୍ୟବହାର ଯୋଗ୍ୟ
(ମାଟିରେ ମିଶିବ ନାହିଁ)



ପୁନଃ ବ୍ୟବହାର ଅଯୋଗ୍ୟ
(ମାଟିରେ ମିଶିବ ନାହିଁ)

■ ମାଟିରେ ମିଶିଯାଉଥିବା ଆବର୍ଜନାକୁ ଗାତ କରି ପକାଇବା ଉଚିତ୍ ।

■ ଗ୍ରାମର ପ୍ରତ୍ୟେକ ଘରକୁ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ହେଲେ ମଇଳା ପାଣି ଶୋଷକ ଖାତ ବା ସୋକ୍‌ପିଟ୍ ଓ ମଇଳା ଖାତ କରିବା ଦରକାର ।

■ ତୁମ ବିଦ୍ୟାଳୟରେ ସୃଷ୍ଟି ହେଉଥିବା ଆବର୍ଜନାକୁ ତୁମେ କିପରି ନିଷ୍କାସନ କରିପାରିବ ଆଲୋଚନା କରି ଲେଖ ।

---------------------------------------------------------------------------

---------------------------------------------------------------------------

---------------------------------------------------------------------------

ଆସ, ଏବେ ଦେଖିବା ପୌରାଞ୍ଚଳରେ ଆବର୍ଜନା ନିଷ୍କାସନ ପାଇଁ କି କି ବ୍ୟବସ୍ଥା କରାଯାଉଛି ।



ଗାଡ଼ିରେ ଆବର୍ଜନା ବୁହାଯାଉଛି



ପୌରାଞ୍ଚଳରେ ସଫେଇ କାର୍ଯ୍ୟ




ରାସ୍ତକଡ଼ରେ ଡଷ୍ଟବିନର ବ୍ୟବହାର

ଚିତ୍ର ଦେଖି ପୌରାଞ୍ଚଳରେ ଆବର୍ଜନା ନିଷ୍କାସନ ପାଇଁ କରାଯାଉଥିବା ବ୍ୟବସ୍ଥା ବିଷୟରେ ଲେଖ ।

---------------------------------------------------------------------------

---------------------------------------------------------------------------

---------------------------------------------------------------------------



**ଶିକ୍ଷକଙ୍କ ପାଇଁ ସୂଚନା -**

ଶ୍ରେଣୀଗୃହରେ ପିଲାମାନେ ଟୁକୁରା କାଗଜ, କାଳି ସରିଯାଇଥିବା କଲମ, କଟା ପେନ୍‌ସିଲ୍‌ର ଟୁକୁଡ଼ା, ଭାଙ୍ଗିଯାଇଥିବା ସ୍କେଲ୍, ଛିଣ୍ଡିଯାଇଥିବା ଚଟେଇ, ଜରି ଇତ୍ୟାଦି ଡଷ୍ଟବିନ୍‌ରେ ରଖିବେ । ବିଦ୍ୟାଳୟ ହତା ଭିତରେ ତିନୋଟି ରଙ୍ଗର ଡବା ରଖି ଆବର୍ଜନାକୁ ଅଲଗା ଅଲଗା କରି ପକାଇବେ । ମାଟିରେ ମିଶିଯାଉଥିବା ଆବର୍ଜନାକୁ ଗାତ ଖୋଳି ପୋତି ଦେବେ । ଆବଶ୍ୟକସ୍ଥଳେ ଗୋଷ୍ଠୀର ସହାୟତା ନେଇ ଆବର୍ଜନା ନିଷ୍କାସନ କରାଯିବା କଥା ଶିକ୍ଷକ ଆଲୋଚନା କରିବେ ।

ପୌରାଞ୍ଚଳରେ ପୌରସଂସ୍ଥା ପକ୍ଷରୁ ଆବର୍ଜନା କୁଣ୍ଡରୁ ଆବର୍ଜନା ସଂଗ୍ରହ କରି ଦୂରସ୍ଥାନକୁ ନେଇ ଜମା କରାଯାଏ । ଆବର୍ଜନା ଶୁଖିଗଲେ ପୋଡ଼ିଦିଆଯାଏ । ଏହାକୁ ନ ପୋଡ଼ି ପୋତି ଦେବା ଭଲ । କେତେକ ସହରରେ ବର୍ଷାପାଣି ଓ ମଇଳା ପାଣି ସଂଗ୍ରହ ଲାଗି ଭୂତଳ ନାଳମାନ ମଧ୍ୟ କରାଯାଇଛି ।

**ଆବର୍ଜନାର ସଦୁପଯୋଗ :**

କେତେକ ଅଦରକାରୀ ପଦାର୍ଥକୁ ଆମେ ବ୍ୟବହାର କରିପାରିବା । ବିଭିନ୍ନ ପ୍ରକାର ଧାତୁ ଓ ପ୍ଲାଷ୍ଟିକ୍‌ର ପ୍ରସ୍ତୁତ ଜିନିଷକୁ ଏଣେତେଣେ ନ ଫୋପାଡ଼ି ତାହାକୁ ପୁନଃ ବ୍ୟବହାର ପାଇଁ କଳକାରଖାନାକୁ ପଠାଇପାରିବା । ଏତଦ୍‌ବ୍ୟତୀତ ଖାଲିଟିଣ, କାଗଜପେଟି, କାର୍ଡ଼ବୋର୍ଡ଼, ବଡ଼ ବଡ଼ ଖୋଳ, ନଡ଼ିଆ କତା, ସଢ଼େଇ, ତାଳଗଜା ଖୋଳପାରୁ ଆବର୍ଜନା କୁଣ୍ଡ, ଫୁଲଦାନି, କଲମଧାରକ ଓ ଘରସଜ୍ଜା ଉପକରଣଗୁଡ଼ିକୁ ପ୍ରସ୍ତୁତ କରିପାରିବା ।

ସେହିପରି ଆବର୍ଜନାକୁ ପୁଣି ବ୍ୟବହାର କରି ତୁମେ କେଉଁ ସବୁ ଜିନିଷ ତିଆରି କରିପାରିବ, ତାହାର ଏକ ତାଲିକା କର ।

| ଆବର୍ଜନାର ନାମ | ପ୍ରସ୍ତୁତ ଜିନିଷର ନାମ |
|---|---|
| ସଢ଼େଇ, ତାଳଗଜାର ଖୋଳପା | ସଢ଼େଇ ଓ ଖୋଳପାରୁ ପ୍ରସ୍ତୁତ ଖେଳଣା,ମଣିଷ ମୁଣ୍ଡ |
| | |
| | |



**ତୁମେ ଜାଣିଛ କି ?**

ପାଇଖାନା, ଗୋଶାଳା ବା ଗୁହାଳର ଆବର୍ଜନାକୁ ଜୈବିକ ବାଷ୍ପ ଓ ସାର ତିଆରି କରିବାରେ ବ୍ୟବହାର କରାଯାଇପାରିବ ।

ନେକଚାନ୍ଦ୍ ନାମକ ଜଣେ ଶିଳ୍ପୀ ଚଣ୍ଡିଗଡ଼ର ବିଖ୍ୟାତ ପ୍ରସ୍ତର ଉଦ୍ୟାନ ନିର୍ମାଣ କରିଛନ୍ତି । ପ୍ରଥମେ ସେ କେତେ ବର୍ଷ ପାଇଁ ଆବର୍ଜନାରୁ ବିଭିନ୍ନ ବସ୍ତୁ ସଂଗ୍ରହ କଲେ । ପରେ ସେଗୁଡ଼ିକୁ ବ୍ୟବହାର କରି ଉଦ୍ୟାନ ନିର୍ମାଣ କଲେ । ପ୍ରତିବର୍ଷ ଦେଶ ବିଦେଶରୁ ଅନେକ ଲୋକ ସେହି ଉଦ୍ୟାନ ଦେଖିବାକୁ ଆସୁଛନ୍ତି ।

ଆଜିକାଲି କେତେକ କଳକାରଖାନାରୁ ବାହାରୁଥିବା ଅଦରକାରୀ ବର୍ଜ୍ୟ ପଦାର୍ଥକୁ ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରାଯାଉଅଛି । ତାଳଚେରର ତାପଜ ବିଦ୍ୟୁତ୍ କାରଖାନା ଓ ଅନୁଗୁଳର ଆଲୁମିନିୟମ୍ କାରଖାନାରୁ ପ୍ରଚୁର ପରିମାଣରେ ପାଉଁଶ ବାହାରୁଛି । ସେହିପରି ରାଉରକେଲାସ୍ଥିତ ଇସ୍ପାତ କାରଖାନାରୁ ବହୁ ପରିମାଣରେ 'ଖାଦ୍' (ସ୍ଲାଗ) ବାହାରୁଛି । ତାହାକୁ ଆମେ କୋଇଲା ଉତ୍ତୋଳନ ପରେ ଖାଲୁଆ ହୋଇଯାଉଥିବା ଖଣି ଓ ରାସ୍ତାଘାଟ ନିର୍ମାଣରେ ବ୍ୟବହାର କରୁଛୁ ।

ଆବର୍ଜନାକୁ ଏଣେତେଣେ ନପକାଇ ଉପଯୁକ୍ତ ଆବର୍ଜନାକୁଣ୍ଡରେ ପକାଇବା ଦରକାର । ଆଜିକାଲି ସେଥିରୁ ବୈଜ୍ଞାନିକ ପଦ୍ଧତିରେ ଜୈବିକ ଗ୍ୟାସ୍ ଓ ଜୈବିକ ଖତ ପରି ବିଭିନ୍ନ ମୂଲ୍ୟବାନ୍ ଜିନିଷ ତିଆରି କରାଯାଉଛି ।

## ଆମେ କ'ଣ ଶିଖିଲେ :

- ଆବର୍ଜନାର ପରିମାଣ ଦିନକୁ ଦିନ ବଢ଼ି ଚାଲିଛି । ତେଣୁ ଏହାର ଉପଯୁକ୍ତ ପରିଚାଳନା ଆବଶ୍ୟକ ।
- ଆବର୍ଜନା ମଧ୍ୟରୁ କେତେକ ମାଟିରେ ମିଶିଯାଇଥାଏ, କେତେକ ମାଟିରେ ମିଶିନଥାଏ ଓ ଆଉ କେତେକକୁ ପୁନଃଚକ୍ରଣ କରି ନୂତନ ଜିନିଷ ତିଆରି କରାଯାଏ ।
- ଆବର୍ଜନାର ପ୍ରକାର ଭେଦକୁ ନେଇ ଏହାକୁ ଅଲଗା କରି ରଖିବା ଆବଶ୍ୟକ ।
- ପୁନଃଚକ୍ରଣ ଯୋଗ୍ୟ ଆବର୍ଜନାକୁ କଳକାରଖାନାକୁ ପଠାଯାଏ ।
- କେତେକ ଅଦରକାରୀ ଜିନିଷକୁ ବ୍ୟବହାର କରି ନୂଆ ଜିନିଷ ତିଆରି କରାଯାଇପାରୁଛି ।

## ଅଭ୍ୟାସ

୧ । ଅଦରକାରୀ କାଗଜରୁ ପ୍ରସ୍ତୁତ ଯେ କୌଣସି ତିନୋଟି ଜିନିଷର ନାମ ଲେଖ ।

---------------- , ---------------- , ---------------- ,

୨ । ନିମ୍ନୋକ୍ତ ଆବର୍ଜନା ମଧ୍ୟରୁ କେଉଁଟି ମାଟିରେ ସହଜରେ ମିଶିଯାଏ ।

(କ) ପ୍ଲାଷ୍ଟିକ୍ ମୁଣି

(ଖ) ଚମଡ଼ା ବ୍ୟାଗ୍

(ଗ) କାଗଜ ଠୁଙ୍ଗା

୩ । କେଉଁଟି ଆବର୍ଜନା ସୃଷ୍ଟି କରିବାରେ କମ୍ ସହାୟକ ହେବ ?

(କ) କାଠ ଚଉକି

(ଖ) ପ୍ଲାଷ୍ଟିକ୍ ଚଉକି

(ଗ) ଲୁହା ଚଉକି

୪ । ଆବର୍ଜନା ନିଷ୍କାସନ ନକଲେ କି କି ଅସୁବିଧା ହେବ ?

୫ । ପୌରାଞ୍ଚଳରେ ଆବର୍ଜନା ନିଷ୍କାସନ ପାଇଁ କି କି ବ୍ୟବସ୍ଥା କରାଯାଉଛି ?

୬ । ତୁମ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ପରେ କେଉଁ ସବୁ ଆବର୍ଜନା ବାହାରିଥାଏ ?



## ଘରେ କରିବା ପାଇଁ କାମ

- ଅଦରକାରୀ ଜିନିଷରୁ ଯେକୌଣସି ୨ଟି ଉପକରଣ ପ୍ରସ୍ତୁତ କରି ଶ୍ରେଣୀଗୃହରେ ଥିବା ଶିକ୍ଷଣ ସାମଗ୍ରୀ କୋଣରେ ରଖ ।
- ନିଜେ କାଗଜ ଆବର୍ଜନାକୁ ବ୍ୟବହାର କରି ଗୋଟିଏ ସୁନ୍ଦର ବଗିଚାର କୋଲାଜ(ଟୁକୁରା କାଗଜକୁ ଯୋଡ଼ିକରି) ଚିତ୍ର ପ୍ରସ୍ତୁତ କର ଏବଂ ବିଦ୍ୟାଳୟ କାନ୍ଥରେ ଲଗାଅ ।
- ବିଦ୍ୟାଳୟରେ କମ୍ପୋଷ୍ଟ ଖାତ ତିଆରି କର ।



ଚଣ୍ଡୀଗଡ଼ ପ୍ରସ୍ତର ଉଦ୍ୟାନ